## ସଂକ୍ଷେପରେ

### ୧୧ କେଭି ତାର ଲାଗି ପୋଡ଼ିଗଲେ ଯୁବକ

ପାପଡାହାଣ୍ଡି/ମଇଦଲପୁର, ୨୬।୧୨ (ଡି.ଏନ୍.ଏ.)- ପାପଡ଼ାହାଣ୍ଡି ବ୍ଲକ ଗାଦବାକତରା ପଞ୍ଚାୟତରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକ ପୋଡି ହୋଇ ଗୁରୁତର ଅଛନ୍ତି। ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ହେଲେ ଡାବୁଗାଁ ବ୍ଲକ ରାଉଲିଗୁଡା ଗ୍ରାମର ପୂର୍ଣ୍ଣ ବିନ୍ଧାଣି (୩୦)। ସୂଚନାନୁଯାୟୀ, ଗାଦବାକତରା ପଞ୍ଚାୟତ ଚଚରାଗୁଡା ଗ୍ରାମରୁ ଏକ ଟ୍ରକ (ଓଡି-୧୫ଟି-୫୧୫୧) ମକା ବୋଝେଇ କରି ମଇଦଲପୁର ଯାଉଥିଲା। ଟ୍ରକ ଉପରେ ପୂର୍ଣ୍ଣ ବସିଥିଲେ। ବାଟରେ ୧୧ କେଭି ତାର ତାଙ୍କର ବେକରେ ଲାଗିଯାଇଥିଲା। ଡ୍ରାଇଭର ଓ ଅନ୍ୟମାନେ ଏହା ଦେଖି ଆମ୍ବୁଲାନ୍ସକୁ ଯୋଗେ ତାଙ୍କୁ ନବରଙ୍ଗପୁର ଡାକ୍ତରଖାନାକୁ ନେଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସୂଚନା ମିଳିଛି।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପାପଡାହାଣ୍ଡି,୨୬।୧୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ରବିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ଅଧକ୍ଷା ଭଗବତି ଭତରା, ଉପାଧକ୍ଷା ନିବେଦିତା ମହାନ୍ତି, ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନ, ଡିଏସ୍‌ଏସ୍‌ଓ ସୁଧାଂଶୁ କୁମାର ପାତ୍ର, ଏସ୍‌ଏସ୍‌ଓ ଜ୍ୟୋତ୍ସ୍ନାରାଣୀ ପାତ୍ର, ବିଏସ୍‌ଏସ୍‌ଓ ଧନଞ୍ଜୟ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୯୯ ଜଣଙ୍କୁ ପଞ୍ଜିକରଣ କରାଯାଇଥିଲା। ସେମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ରଞ୍ଜିତା ମଲିକ, ତହସିଲଦାର ଯୋଗେଶ୍ୱର ଭୋଇ, ସହକାରୀ ଯନ୍ତ୍ରୀ ଅଭିମନ୍ୟୁ ବେହେରା ଓ କର୍ମଚାରୀ ଉପସ୍ଥିତ ଥିଲେ।

### ହିତାଧିକାରୀଙ୍କୁ ମିଳିଲା କୋଭିଡ୍ ଆର୍ଥିକ ସହାୟତା

ଡାବୁଗାଁ,୨୬।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ପଞ୍ଚାୟତ ଓ ଡଙ୍ଗରିଗୁଡା ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ରବିବାର ୧ ହଜାର ଟଙ୍କା



ଲେଖାଏ କୋଭିଡ୍ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡାବୁଗାଁ ପଞ୍ଚାୟତରେ ସରପଞ୍ଚ ଯଶୋଦା ସୌରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକଙ୍କ ପ୍ରତିନିଧି ଏମ୍. ବୁଲୁରାଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା, ପୂର୍ବତନ ସରପଞ୍ଚ ତଥା ଡାବୁଗାଁ ପଞ୍ଚାୟତ ସଭାପତି ଜି. ପ୍ରକାଶ ରାଓ, କୈଳାସ ବିଶୋଇ, ଯୁବ ନେତା ଭଗବାନ ଖୁଣ୍ଟିଆ ଉପସ୍ଥିତ ଥିଲେ। ସେହିପରି ଡଙ୍ଗରିଗୁଡ଼ା ପଞ୍ଚାୟତରେ ସରପଞ୍ଚ ଅମ୍ବିକା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପରୋକ୍ତ ଅତିଥିମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ଦେଇଥିଲେ। ଦୁଇ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ମୁଦୁଲି ଓ ସଂଗ୍ରାମ ପଟ୍ଟନାୟକ ପରିଚାଳନା କରିଥିଲେ।

### ବେକାରି ଯୁବକଙ୍କୁ ଡ୍ରାଇଭିଂ ତାଲିମ

ନବରଙ୍ଗପୁର,୨୬।୧୨(ବି.ପ୍ର.) ସତ୍ୟ ସାଇ ସେବା ସଙ୍ଗଠନ ପ୍ରଚଳିତ ସାଇ ସ୍ୱାବଲମ୍ବୀ ପ୍ରକଳ୍ପ ଅନୁକୂଲ୍ୟରେ ନବରଙ୍ଗପୁର ଜିଲା ପକ୍ଷରୁ ୧୬ଜଣ ବେକାରୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଡ୍ରାଇଭିଂ ତାଲିମ ଦିଆଯାଉଛି। ଏ ନେଇ ଜୀବନଜ୍ୟୋତି ଡ୍ରାଇଭିଂ ତାଲିମ କେନ୍ଦ୍ରରେ ଏକ ଶିବିର କରାଯାଇଛି। ଏକ ମାସ ଧରି ଏହି ତାଲିମ ଦିଆଯିବ। ଶିବିରକୁ ନବରଙ୍ଗପୁର ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସତ୍ୟ ସାଇ ସେବା ସଙ୍ଗଠନ ସଭାପତି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ସମସ୍ତ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ।

# ଫେଲ୍ ମାରିଲା ହଷ୍ଟେଲକୁ ଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା

ନବରଙ୍ଗପୁର,୨୬।୧୨(ବି.ପ୍ର.)

■ ଅନ୍ତେବାସୀ ପିଉଛନ୍ତି ନଳକୂପ ପାଣି
■ ଆରୋ ପ୍ଲାଣ୍ଟ, ସୋଲାର ସିଷ୍ଟମ ଅଚଳ

କାମ କରୁନି ସୋଲାର ସିଷ୍ଟମ। କୋଭିଡ୍ ପରେ ସ୍କୁଲ ଖୋଲିବା ବେଳକୁ ତାହା ଅଚଳ ହୋଇ ପଡ଼ି ରହିଛି। ତେଣୁ ପିଲାମାନେ ଏବେ ନଳକୂପ ପାଣି ପିଉଛନ୍ତି। ସୋଲାର ସିଷ୍ଟମ କେଉଁ ବିଭାଗ ଲଗାଇଥିଲା ତାହାର ଖବର ନାହିଁ। କାହାକୁ ଅଭିଯୋଗ କରିବେ କର୍ତ୍ତୃପକ୍ଷ ଜାଣିପାରୁନାହାନ୍ତି। ସୋଲାର ସିଷ୍ଟମ ଲଗାଇଥିବା ଠିକାଦାରଙ୍କୁ ଫୋନ୍ କଲେ ମରାମତି କରିଦେବେ କହି ତାଙ୍କର ଦେଖା ମିଳୁନି। ଛାତ୍ରୀମାନେ ଶୁଦ୍ଧ ପାନୀୟ ପାଇବାରୁ ବଞ୍ଚିତ।

ନବରଙ୍ଗପୁର ଏକ୍ସ ବୋର୍ଡ ବିଦ୍ୟାଳୟ ପରିସରରେ ରହିଛି କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ। ୧୩୫ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ଗରିବ ଅସହାୟ ପରିବାରର ଝିଅମାନେ ଏହି ହଷ୍ଟେଲରେ ରହି ଏକ୍ସବୋର୍ଡ ଓ ଆର୍‌ସିଡି ନୋଡାଲ



କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅଚଳ ଆରୋ ପ୍ଲାଣ୍ଟ।)

ହାଇସ୍କୁଲରେ ପଢ଼ନ୍ତି। ହଷ୍ଟେଲକୁ ପାନୀୟ ଜଳ ବ୍ୟବସ୍ଥା ପାଇଁ ସୋଲାର ମାଧ୍ୟମରେ ନଳକୂପରୁ ପାଣି ଉଠାଇବା ପରେ ଏକ ଟାଙ୍କିକୁ ପାଣି ଯାଇ ସେଠାରୁ ଆରୋ ପ୍ଲାଣ୍ଟକୁ ଯିବ। ସେଠାରେ ପାଣିକୁ ଶୁଦ୍ଧ କରାଯାଇ ଅନ୍ୟ ଟାଙ୍କି ଓ ପାଇପରେ ପାଣି ପଠାଯିବା ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ୪ ବର୍ଷ ହେବ ହଷ୍ଟେଲରେ ରହିଛି। ଏହା ସୋଲାର ସିଷ୍ଟମ ମାଧ୍ୟମରେ କରାଯାଏ। ସୋଲାର ଲଗାଯିବା ୨ବର୍ଷରେ ତ୍ରୁଟି ଦେଖାଯିବା ଆରମ୍ଭ ହୋଇଥିଲା। ଏବେ ସମ୍ପୂର୍ଣ୍ଣ ଅଚଳ ହୋଇଗଲା। ଲକ୍ଷାଧିକ ଟଙ୍କା ବ୍ୟୟରେ ସୋଲାର ସିଷ୍ଟମ ସହ ଏକ ଆରୋ ପ୍ଲାଣ୍ଟ ଲଗାଯାଇଥିଲା।

ସରକାରଙ୍କ ଶିକ୍ଷା ବିଭାଗ ଯେଉଁ ମହତ ଉଦ୍ଦେଶ୍ୟରେ ଏହି କାର୍ଯ୍ୟ କରିଥିଲେ ତାହା ଫସର ଫାଟିଗଲା। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସି.ଏଚ୍. ଉଷାରାଣୀଙ୍କୁ ପଚାରିବାରୁ ସୋଲାର ଓ ଆରୋ ପ୍ଲାଣ୍ଟ କାମ କରୁନାହିଁ। ମରାମତି କିଏ କରିବ ଜାଣିନାହିଁ। ଯେଉଁ ଠିକାଦାର କାମ କରିଥିଲେ ତାଙ୍କୁ ଯୋଗାଯୋଗ କରିବାରୁ ସେ ଆସିବେ କହି ଆସୁ ନାହାନ୍ତି ବୋଲି ସେ କହିଛନ୍ତି। ସିଆର୍‌ସିସି ସନ୍ତୋଷ ପାତ୍ରଙ୍କୁ ପଚାରିବାରୁ ପିଲାଙ୍କୁ ଶୁଦ୍ଧ ପାନୀୟଜଳ ମିଳିବା କଷ୍ଟ ହେଉଛି। ସେମାନେ ନଳକୂପ ପାଣି ପିଇବାକୁ ବାଧ ହେଉଛନ୍ତି। ଏହାର ମରାମତି ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ପଚାରିବାରୁ ଏହା ତାଙ୍କ ବିଭାଗ କରି ନ ଥିବା ଜଣାଇଛନ୍ତି। ବିଭିନ୍ନ ବିଭାଗକୁ ପଚରାଉଚରା ପରେ ଓଏସ୍‌ଆଇସି ବିଭାଗ ପକ୍ଷରୁ ଜିଲାର ପ୍ରତ୍ୟେକ କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ସୋଲାର ସିଷ୍ଟମ ଲଗାଯାଇଥିଲା। କିଏ କେବେ ଠିକା ପାଇଥିଲେ ତାହା କାହାରିକୁ ଜଣାନାହିଁ। ଭୁବନେଶ୍ୱରରୁ କାମ ପାଇ ଠିକାଦାରମାନେ ଆସି ଏହି ଜିଲାରେ କାମ କରି ଚାଲିଯାଇଥିବା ଜଣାପଡ଼ିଛି। କୋରାପୁଟରେ ରହୁଥିବା ଜଣେ ଠିକାଦାର ବିଭୂତି ମିଶ୍ର ଏହି ସୋଲାର ଲାଇଟ ଲଗାଇଥିଲେ ବୋଲି ଜଣାପଡ଼ିବା ପରେ ତାଙ୍କ ମୋବାଇଲ ନମ୍ବର ୮୧୪୪୬୬୧୬୫୦ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା।

### ପଦ୍ମପୁର ଥାନାରେ ନୂତନ ଅଧିକାରୀ

ପଦ୍ମପୁର, ୨୬।୧୨ (ଡି.ଏନ୍.ଏ.)



ରାୟଗଡ଼ା ଜିଲା ପଦ୍ମପୁର ଥାନାରେ ନୂତନ ଥାନାଧିକାରୀ ରୂପେ ସୁଶାନ୍ତ କୁମାର ତାଡଡ଼ିଆ ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ଜିଲାର ଗୁଡାରୀ ଥାନା ଅଧିକାରୀ ଥିଲେ। ସେହିପରି ପଦ୍ମପୁର ଥାନାରେ ଥିବା ବିଶ୍ୱରଞ୍ଜନ ଦାଶଙ୍କୁ ଯାଜପୁର ଜିଲାକୁ ବଦଳି ହୋଇଛି। ନୂତନ ଥାନାଧିକାରୀ ଦାୟିତ୍ୱ ଗ୍ରହଣ ଅବସରରେ ଅଞ୍ଚଳର ଟ୍ରାଫିକ ସମସ୍ୟାରେ ସୁଧାର, ନାଇଟ ପାଟ୍ରୋଲିଂ କଡ଼ାକଡ଼ି, ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିବା ସହ ବେଆଇନ ମଦ ଓ ଗଞ୍ଜେଇ କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସେହିପରି କରୋନା ମୁକାବିଲା ନିମନ୍ତେ ମାସ୍କ ଓ ସାମାଜିକ ଦୂରତା ନିୟମକୁ ମାନିବାକୁ ନିବେଦନ କରିଛନ୍ତି।

# ମିଥ୍ୟା କେସ୍ ଲଗାଇ ଫସାଉଛି ପୋଲିସ: ଭାଜପା

ନବରଙ୍ଗପୁର,୨୬।୧୨(ବି.ପ୍ର.)

ପୋଲିସ ମିଛ ମାମଲା ରୁଜୁ କରୁଛି। ନିରେପେକ୍ଷ ତଦନ୍ତ କରି ମାମଲା ପ୍ରତ୍ୟାହାର କରିବାକୁ ରବିବାର ଜିଲା ଭାଜପା ଦାବି କରିଛି। ରବିବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଜିଲା ଭାଜପା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ ଓ ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳୀୟ ନେତାମାନେ କହିଛନ୍ତି।

ନଭେମ୍ବର ୨୭ରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ ଦିନ ମନ୍ତ୍ରୀଙ୍କ କାରକୁ ଅଣ୍ଡା ମାଡ ହୋଇଥିଲା। ପୋଲିସ ଏହି ଘଟଣାରେ ଭାଜପାର ଦୁଇ ଜଣ କର୍ମକର୍ତ୍ତା କାହ୍ନୁ ଦାଶ ଓ ପିଣ୍ଟୁ ମିଶ୍ରଙ୍କ ସମେତ ଅନ୍ୟ ୨ ଜଣଙ୍କ ନାମରେ ମାମଲା ରୁଜୁ କରିଛି। କିନ୍ତୁ ବିଡମ୍ବନାର ବିଷୟ ଏହା ଯେ, ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ପୋଲିସ ସେମାନଙ୍କୁ ଆଣି ଅଟକ ରଖିଥିଲା। ପୋଲିସ ପାଖରେ ସେମାନଙ୍କ ଫୋନ ଥିଲା। ଏହା ପରଦିନ ଅର୍ଥାତ୍ ୨୮ରେ ସେମାନଙ୍କୁ ଥାନାରୁ ଛଡାଗଲା। ତେଣୁ ସେମାନେ କେମିତି ଏଥିରେ ସାମିଲ ହେଲେ ବୋଲି ଭାଜପା ନେତାମାନେ କ୍ଷୋଭର ସହ କହିଛନ୍ତି। ପୋଲିସ ୧୫୯/୨୧ରେ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏବେ ୪ଜଣ ଫେରାର ଥିବା ପୋଲିସ କୋର୍ଟକୁ ଦର୍ଶାଇଛନ୍ତି। ଏହାକୁ ଭାଜପା ଦୃଢ଼ ନିନ୍ଦା କରୁଛି ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତାମାନେ କହିଛନ୍ତି। ଅଣ୍ଡା ମାଡ଼ ନ କରି ମଧ ଆମ ନାମରେ ପୋଲିସ ମିଥ୍ୟା ମାମଲା ରୁଜୁ କରିଛି। ଏହାକୁ ୧୫ ଦିନ ମଧ୍ୟରେ ପ୍ରତ୍ୟାହାର କରାଯାଉ। ନଚେତ ଜିଲାର ସମସ୍ତ ଥାନା ଓ ଏସ୍‌ପି ଅଫିସ ଘେରାଉ କରାଯିବ ବୋଲି କାହ୍ନୁ ଦାଶ ଚେତାବନୀ ଦେଇଛନ୍ତି। ଆମେ ମାନେ ଫେରାର ଥିବା କହିବା ଅତି ଦୁଃଖଦ ଘଟଣା। ପିଣ୍ଟୁ ଓ ମୁଁ ସହରରେ ଅଛୁ। ପୋଲିସ ଆମକୁ ଗିରଫ କରୁ। ନଚେତ ଆମେ ଥାନାରେ ଲିଖିତ ଭାବେ ଜଣାଇ ଆଇନକୁ ସମ୍ମାନ ଦେଇ ଆତ୍ମ ସମର୍ପଣ କରିବୁ ବୋଲି କାହ୍ନୁ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ମିଡିଆ ସଂଯୋଜକ ଦେବଦାଶ ମହାକୁଡ, ଯୁବ ମୋର୍ଚ୍ଚା ନଗର ସଭାପତି ପିଣ୍ଟୁ ମିଶ୍ର, ଅନନ୍ତ ପଣ୍ଡା, ଜିଲା ଉପସଭାପତି ସୁରେନ୍ଦ୍ର ବିଷୋୟୀ ପ୍ରମୂଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

# ସୁପାରି ଦେଇଥିବା ଦାଦା ପୁଅ ଭାଇଙ୍କ ସମେତ ୫ ଗିରଫ

ରାଇଘର, ୨୬।୧୨(ଡି.ଏନ୍.ଏ.)

**ଘରୁ ଡାକି ମାରି ଦେଇଥିବା ଘଟଣା**

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ନାକଟିସିମୋଡା ପଞ୍ଚାୟତ ଦୁର୍ଗମ ଏଟେକେଡବା ଗ୍ରାମର ଘାସିରାମ ଗଣ୍ଡଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ମୃତକଙ୍କ ଦାଦା ପୁଅ ଭାଇ ତାଙ୍କୁ ମାରିବାକୁ ସୁପାରି ଦେଇଥିବା ପୋଲିସ କହିଛି। ଏ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏପରି କରିଥିବା ଘାସିରାମଙ୍କ ଦାଦା ପୁଅ କମଲ ଗଣ୍ଡ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଘାସିରାମଙ୍କ ଦାଦାପୁଅ କମଲ, ଛତିଶଗଡ ରାଜ୍ୟର ଗରିଆବନ୍ଦ ଜିଲା ଶୋଭା ଥାନା ଅଧୀନ ଲାଟାପାରା ଗ୍ରାମର ସମାରୁ ରାଉତ ମାର୍କମ, ପ୍ରଭୁ ରାମ ମାର୍କମ, ଏଟେକେଡବା ଗ୍ରାମର ମହାରୁ ଗଣ୍ଡ (୨୧)ଓ ବଳରାମ ଗଣ୍ଡ ଗୁଡୁ (୨୨)।

ଘଟଣାରେ କମଲଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରିଥିଲା। ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାରୁ ସେ ତାଙ୍କ ସମ୍ପୃକ୍ତି ମାନିଥିଲେ। ତିନି ବର୍ଷ ପୂର୍ବେ କମଲଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଏଥିରେ ଘାସିରାମଙ୍କ ସମ୍ପୃକ୍ତି ରହିଥିବା କମଲ ସନ୍ଦେହ କରିଥିଲେ। ଘାସିରାମଙ୍କୁ ରାସ୍ତାରୁ ହଟାଇବାକୁ ସମାରୁ ରାଉତ ମାର୍କମ ଓ ପ୍ରଭୁ ରାମ ମାର୍କମଙ୍କୁ ୨୦ ହଜାର ଟଙ୍କାରେ ସୁପାରି ଦେଇଥିଲେ ବୋଲି ପଚରାଉଚରା ବେଳେ କମଲ କହିଥିଲେ। ଏ ନେଇ ଅଗ୍ରିମ ୯ ହଜାର ଦିଆଯାଇଥିବାବେଳେ ଓ ବଳକା ଟଙ୍କା ହତ୍ୟା ପରେ ଦେବାକୁ ସ୍ଥିର ହୋଇଥିଲା। କମଲଙ୍କ ବୟାନ ଅନୁଯାୟୀ ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ ସୁପାରିକିଲରଙ୍କୁ ଧରିବା ନିମନ୍ତେ ପ୍ଲାନ ପ୍ରସ୍ତୁତ କରିଥିଲେ। ଛତିଶଗଡ ସୀମାନ୍ତ ହାତୀଗାଁରେ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ବଳକା ଟଙ୍କା ନେବାକୁ ସୁପାରିକିଲରଙ୍କୁ କମଲଙ୍କ ଦ୍ୱାରା ଡକାଇଥିଲା। ସେମାନେ ସେଠାକୁ ଆସିବା ପରେ ପୋଲିସ ତାଙ୍କୁ ଧରିଥିଲା। ସମାରୁ ଓ ପ୍ରଭୁରାମଙ୍କୁ ପଚରାଉଚରାବେଳେ ଏଥିରେ ମହାରୁ ଓ ବଳରାମଙ୍କ ସମ୍ପୃକ୍ତ ଥିବା ନେଇ ସେମାନେ ପୋଲିସକୁ କହିଥିଲେ। ପୋଲିସ ଏଟେକେଡବାକୁ ଯାଇ ମହାରୁ ଓ ବଳରାମଙ୍କୁ ଗିରଫ କରିଛି।

### ଗୁଡ଼ିଘର ଉଦ୍‌ଘାଟିତ



ଟିକିରି,୨୬।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଡାଜୋର ପଞ୍ଚାୟତ ଅନ୍ତର୍ଗତ କୁଲିଆପଦର ଗ୍ରାମରେ ଶନିବାର ଗୁଡ଼ିଘର ଉଦ୍‌ଘାଟିତ ହୋଇଯାଇଛି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। କାଶୀପୁର ବ୍ଲକର ବ୍ରୁଙ୍ଗନେତା କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ଥିଲେ।

### ନିଃସ୍ୱାର୍ଥପର ସେବା ଯୋଗାଇବାକୁ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ



ବିଷମକଟକ, ୨୬।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକସ୍ଥିତ ମାଁ ମାର୍କମା +୩ କଲେଜରେ ଜାତୀୟ ସେବା ଯେଜନା(ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ୭ ସପ୍ତାହ ବ୍ୟାପି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ପୋଷ୍ୟ ଗ୍ରାମ ଛାଞ୍ଚରାଗୁଡ଼ା ଓ ନୂଆଗଡ଼ଠାରେ ଚାଲିଥିବା ଏନ୍‌ଏସ୍‌ଏସ୍ ଶିବିରର ୟୁନିଟ ୧, ୨, ୩ ପକ୍ଷରୁ ୬୬ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନି କାର୍ଯ୍ୟକ୍ରମରେ +୨ କଲେଜର ପୂର୍ବତନ ଅଧକ୍ଷ ସୁଦର୍ଶନ ରଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସେବା, ସଚେତନତା, ଦେଶର ଗଠନ ଓ ଯୁବ ସମାଜର ଭୂମିକା ବିଷୟରେ ବୁଝାଇଥିଲେ। କଲେଜର ଅଧକ୍ଷ ବି. ରବିଶଙ୍କର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଦୁଇ ପୋଷ୍ୟ ଗ୍ରାମରେ ଭାରତ ଅଭିଯାନ, ମାଦକ ଦ୍ରବ୍ୟ ମୁକ୍ତ ଗ୍ରାମ ନିର୍ମାଣ, କୋଭିଡ୍ ମୁକାବିଲା ଆଦି ବିଷୟରେ ସଚେତନ କରାଯାଇଥିଲା। ଶିବରାର୍ଥୀମାନଙ୍କୁ ନିସ୍ୱାର୍ଥପର ସେବା ପ୍ରଦାନ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଶେଷରେ ସ୍ୱେଚ୍ଛାସେବୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିବିରରେ କଲେଜର ଅଶ୍ୱନି କୁମାର ପଣ୍ଡା, ନିରଞ୍ଜନ ପାଢ଼ୀ, ଦିପ୍ତୀ ରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ପି, ବିଧାୟକଙ୍କୁ ଘେରିଲେ କୋଷାଗୁମୁଡ଼ାବାସୀ

କୋଷାଗୁମୁଡା, ୨୬।୧୨(ଡି.ଏନ୍.ଏ.)

**ନୂତନ ମଡର୍ଣ୍ଣ ବସ୍‌ଷ୍ଟାଣ୍ଡ ଜାଗାକୁ ନେଇ ଦେଖାଦେଇଛି ଦ୍ୱନ୍ଦ୍ୱ**

ନୂତନ ମଡର୍ଣ୍ଣ ବସ୍‌ଷ୍ଟାଣ୍ଡ କୋଷାଗୁମୁଡା ବ୍ଲକର କେଉଁ ସ୍ଥାନରେ ନିର୍ମାଣ ହେବ ତାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଦ୍ୱନ୍ଦ୍ୱ ଦେଖାଦେଉଛି। ରବିବାର କୋଷାଗୁମୁଡା ବ୍ଲକ ସନ୍ତୋଷପୁରରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ନବରଙ୍ଗପୁର ଏମ୍‌ପି ରମେଶ ମାଝି ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ସ୍ଥାନୀୟ ଯୁବଗୋଷ୍ଠୀ କୋଷାଗୁମୁଡା ବସ୍ ଷ୍ଟାଣ୍ଡ ପାଖରେ ଅଟକାଇଥିଲେ। କୋଷାଗୁମୁଡ଼ା କେଉଁ ସ୍ଥାନରେ ବସ୍‌ଷ୍ଟାଣ୍ଡ ତିଆରି କରାଯାଉଛି ସେ ନେଇ ଏମ୍‌ପି ଓ ବିଧାୟକଙ୍କୁ ପଚାରିଥିଲେ।

ସୂଚନାନୁଯାୟୀ, କୋଷାଗୁମୁଡାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ସରକାର ଜମି ଚିହ୍ନଟ କରିଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍‌ଲାଇନ୍‌ରେ କିନ୍ତୁ ନୂତନ ବସ୍‌ଷ୍ଟାଣ୍ଡର ଲୋକେଶନ କୋଷାଗୁମୁଡା ବ୍ଲକର କୋଡିଙ୍ଗା ଦେଖାଉଛି। ଏଣୁ ବ୍ଲକର କେଉଁ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ ତାହା ଏବେ ସନ୍ଦେହରେ। ଏନେଇ ଅଞ୍ଚଳବାସୀ ଏମ୍‌ପି ଏବଂ ବିଧାୟକଙ୍କୁ ପଚାରିଥିଲେ। ବସ୍‌ଷ୍ଟାଣ୍ଡ କେଉଁଠି ନିର୍ମାଣ ହେବ ସେ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରି ଦୁଇ ଦିନ ପରେ ଜଣାଇବୁ ବୋଲି ଏମ୍‌ପି ଓ ବିଧାୟକ କହିଥିଲେ।



ଏମ୍‌ପି ଓ ବିଧାୟକଙ୍କୁ ବସ୍‌ଷ୍ଟାଣ୍ଡ ସ୍ଥାନ ସମ୍ପର୍କରେ କୋଷାଗୁମୁଡ଼ା ଅଞ୍ଚଳବାସୀ ପଚାରୁଛନ୍ତି।

# ମମିତା ପ୍ରସଙ୍ଗରେ ଦୋମୁହାଁ ନୀତି ଅଭିଯୋଗ

ରାୟଗଡ଼ା ଅଫିସ,୨୬।୧୨

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପଠାଇଲା ଭାଜପା**



ପୋଷ୍ଟ ଅଫିସ ସମ୍ମୁଖରେ ଭାଜପା ନେତାମାନେ।

ନାରୀ ନିର୍ଯାତନା ପ୍ରସଙ୍ଗରେ ରାଜ୍ୟ ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଥିବା ଭାଜପା ଅଭିଯୋଗ କରିଛି। ଅଞ୍ଜନା ମିଶ୍ର ଗଣ ବଳାତ୍କାର ଘଟଣାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଇସ୍ତଫା ଦାବି କରାଯାଇଥିଲା। ଏବେ ମମିତା ପ୍ରସଙ୍ଗରେ ସରକାରଙ୍କ ଦୋମୁହାଁ ନୀତି କାହିଁକି ବୋଲି ଦଳ ପ୍ରଶ୍ନ କରିଛି। ରାଜ୍ୟରେ ବଳାତ୍କାର, ମହିଳାଙ୍କୁ ଅପହରଣ ଏବଂ ଶିଶୁ ନିଖୋଜ ବଢୁଛି। ଏହାର ପ୍ରତିବାଦରେ ରାୟଗଡ଼ା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନଗର ସଭାପତି ବିଦ୍ୟା ଭୂଷଣ ପଣ୍ଡାଙ୍କ ନେତୃତ୍ୱରେ ରାୟଗଡ଼ା ଜିଲା ମୁଖ୍ୟ ପୋଷ୍ଟ ଅଫିସରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ପଠାଯାଇଛି। ଏହି ସମୟରେ ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ଶ୍ୟାମ କୁମାର ଦାଶ, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଟି. ନାଗରାଜୁ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅଜୟ ବୁଲେଟ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଲିଙ୍ଗରାଜ ନାୟକ, ନଗର ଭାଜପାର ଉପସଭାପତି ମଞ୍ଜୁଳା ମିନିଆକା, ଝରଣା ପାଣି, ସମ୍ପାଦକ ଗୋପାଳ ପାଢ଼ୀ, କୋଷାଧକ୍ଷ ଏମ୍. ବିଦ୍ୟାସାଗର, ସମ୍ପାଦକ ଏସ୍. ସ୍ୱପ୍ନା, ନଗର ଯୁବମୋର୍ଚ୍ଚାର ସନ୍ତୋଷ ସାହୁଙ୍କ ସମତେ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲାରେ ହଂସଙ୍କ ପାଇଁ ଟିକା ନାହିଁ

ଉମରକୋଟ,୨୬।୧୨(ସ୍ୱ.ପ୍ର.)

**କ୍ଷତିଗ୍ରସ୍ତ ହେଉଛନ୍ତି ହଂସଚାଷୀ**

ରାଜ୍ୟ ସରକାର ହଂସ ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଉପାନ୍ତ ଅଞ୍ଚଳ ଚାଷୀଏହି ଯୋଜନାର ସୁଫଳ ପାଉନାହାଁନ୍ତି। ନବରଙ୍ଗପୁର ଜିଲା ଉମରକୋଟର ହଂସ ଚାଷୀଙ୍କ କ୍ଷେତ୍ରରେ ଏହା ସ୍ପଷ୍ଟ ହୋଇଛି। ଏହି ଅଞ୍ଚଳର ଅନେକ ଚାଷୀ ସ୍ୱାବଲମ୍ବୀ ହେବା ଲକ୍ଷ୍ୟରେ ନିଜ ଖର୍ଚ୍ଚରେ ହଂସ ଚାଷ କରୁଛନ୍ତି। କିନ୍ତୁ ସରକାରୀ ସୁବିଧା ତଥା ଜିଲାରେ ହଂସଙ୍କ ପାଇଁ ଟିକା ଉପଲବ୍ଧ ନ ଥିବାରୁ ବିଭିନ୍ନ ରୋଗରେ ହଂସମାନଙ୍କ ମୃତ୍ୟୁ ଘଟୁଛି। ତେଣୁ ଲାଭ ବଦଳରେ ଏଠାରେ ହଂସଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ହଂସଙ୍କ ଠାରେ ଚାଲି ନ ପାରିବା, ଖାଦ୍ୟ ନ ଖାଇବା, ମୁଣ୍ଡ ବୁଲାଇବା ଭଳି ରୋଗ ଦେଖାଦେଇ ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁ ଘଟୁଛି। ଜିଲାରେ ହଂସଙ୍କ ଚାହିଦା ଥିଲେ ମଧ ପଡ଼ୋଶୀ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ରାଜ୍ୟ ସରକାର ହଂସ ଚାଷୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କଲେ ଏଠାକାର ଚାଷୀ ଲାଭବାନ ହୋଇପାରନ୍ତେ ବୋଲି ହଂସଚାଷୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି। ଏ ନେଇ ପ୍ରାଣୀ ସମ୍ପଦ ଚିକିତ୍ସକ ପ୍ରକାଶ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ବତକ ଓ ହଂସଙ୍କ ପାଇଁ ବ୍ରହ୍ମପୁର, କଟକରେ ମଧ ଟିକା ନାହିଁ। ଫଳରେ ରୋଗରେ ଏମାନଙ୍କ ମୃତ୍ୟୁ ଘଟୁଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# 'ବାଧାବିଘ୍ନ ସତ୍ତ୍ୱେ ବିକାଶର ଧାରା ଆଗେଇଛି'

ରାୟଗଡ଼ା ଅଫିସ,୨୬।୧୨

**ବିଜେଡିର ପ୍ରତିଷ୍ଠା ଦିବସ**

ରାୟଗଡ଼ା ଜିଲା ବିଜେଡି ପକ୍ଷରୁ ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦଳୀୟ ନେତା ତଥା ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଯୋଗଦେଇ ରାୟଗଡ଼ାସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଦଳୀୟ ନେତା ଓ କର୍ମୀ ସାମିଲ ହୋଇ ସହରର ସମସ୍ତ ୱାର୍ଡ ପରିକ୍ରମା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ପରେ ଦଳ ପକ୍ଷରୁ ଏକ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସିଆର୍‌ପିଏଫ୍ ଯବାନ ଏବଂ ପୋଲିସ କର୍ମଚାରୀମାନେ ରକ୍ତଦାନ କରିଥିଲେ। ଶିବିରରୁ ୮୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ସହରର ଅଶୋକ କଲ୍ୟାଣ ମଣ୍ଡପ ପରିସରରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ରାଓ ଯୋଗଦେଇ କହିଛନ୍ତି, ଅନେକ ବାଧାବିଘ୍ନ ସତ୍ତ୍ୱେ ବିଜେଡି ଓଡ଼ିଶାକୁ ଆଗେଇ ନେଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଯୋଗୁ ଦଳକୁ ସଫଳତା ହାସଲ କରିବା ସହ ବିକାଶର ଧାରା ଆଗେଇ ପାରିଛି। ଆଗକୁ ଏହା ଜାରି ରହିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ମହିଳା ସଭାନେତ୍ରୀ ଅନସୂୟା ମାଝିଙ୍କ ସମେତ ଦଳର ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ସେହିପରି ମୁନିଗୁଡ଼ା ଏବଂ ବିଷମକଟଠାରେ ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ତଥା ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ ଯୋଗଦେଇ ଏକତାର ସହ ଦଳ ପାଇଁ କାର୍ଯ୍ୟ କରିବାକୁ କର୍ମୀଙ୍କୁ ଉତ୍ସାହିତ କରିଥିଲେ।



ରାୟଗଡ଼ା ନୂତନ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାମାନେ ମାଲ୍ୟାର୍ପଣ କରୁଛନ୍ତି।

## ସଂକ୍ଷେପରେ

### ରାଞ୍ଚିରୁ ଫେରିଲେ ଅନୁସୂଚିତ ଜାତି, ଜନଜାତି ଯୁବତୀଯୁବକ



ମାଲକାନଗିରି,୨୬।୧୨ (ଡି.ଏନ.ଏ.) - ମାଲକାନଗିରିସ୍ଥିତ ନେହେରୁ ଯୁବକେନ୍ଦ୍ର ଓ ବିଏସ୍‌ଏଫ୍ ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ୨୦ ଜଣ ଆଦିବାସୀ ଯୁବତୀଯୁବକ ୧୬ରୁ ୨୫ ତାରିଖ ପର୍ଯ୍ୟନ୍ତ ଝାଡଖଣ୍ଡର ରାଞ୍ଚି ଯାତ୍ରା କରିଥିଲେ। ସେଠାରେ ସେମାନେ ବିଭିନ୍ନ ରାଜ୍ୟରୁ ଆସିଥିବା ଆଦିବାସୀ ଯୁବତୀଯୁବକଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ବିଭିନ୍ନ ରାଜ୍ୟର ଆଦିବାସୀ ସଂସ୍କୃତି , ଖାଦ୍ୟପେୟ , ଭାଷା, ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ, ପୂଜା ପାର୍ବଣ, ଶିକ୍ଷା, ନିଯୁକ୍ତି ସମ୍ପର୍କରେ ପରସ୍ପର ଆଲୋଚନା କରିଥିଲେ। ରାଞ୍ଚିଠାରେ ସେମାନେ ବିଶିଷ୍ଟ ବ୍ୟକ୍ତି, ସିନେତାରକା, ମନ୍ତ୍ରୀମାନଙ୍କ ସହ ସାକ୍ଷାତ ଆଲୋଚନା କରି ଜ୍ଞାନ ଆହରଣ କରିଥିଲେ। ୧୨ ଦିନ ପରେ ଶନିବାର ଏହି ଯୁବତୀଯୁବକ ମାଲକାନଗିରି ଫେରିବା ପରେ ବାଲିମେଲାଠାରେ ସେମାନଙ୍କୁ ବିଏସ୍‌ଏଫ୍-୮୮ ବାଟାଲିୟନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଏସ୍‌ଏଫ୍‌ର ଅବଦାନକୁ ଆମେ କେବେ ଭୁଲିପାରିବୁ ନାହିଁ ବୋଲି ଗସ୍ତରୁ ଫେରିଥିବା ଯୁବତୀଯୁବକମାନେ ପ୍ରକାଶ କରିଛନ୍ତି।

### ଜଙ୍ଗଲ-ବନ୍ୟଜନ୍ତୁ ସୁରକ୍ଷା ନେଇ ପ୍ରୋତ୍ସାହନ

ମାଲକାନଗିରି,୨୬।୧୨ (ଡି.ଏନ.ଏ.) - ମାଲକାନଗିରି ଜିଲାର ଜଙ୍ଗଲ ସୁରକ୍ଷାରେ ବାସିନ୍ଦାଙ୍କୁ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାରେ ସାମିଲ କରାଯିବାକୁ ଜଙ୍ଗଲ ମଧ୍ୟରେ ଏବଂ ଜଙ୍ଗଲ ସୀମାରେ ରହୁଥିବା ଗ୍ରାମଗୁଡ଼ିକରେ ବନ ସଂରକ୍ଷଣ ସମିତି ଗଠନ କରାଯାଇଛି। ଜିଲାରେ ୨ହଜାରରୁ ଊର୍ଦ୍ଧ୍ୱ ବନ ସଂରକ୍ଷଣ ସମିତି ରହିଛି। ସମିତିଗୁଡ଼ିକୁ ବିଭିନ୍ନ ସମୟରେ ତାଲିମ୍ , ପୁରସ୍କାର ଅର୍ଥରାଶି, ମାନପତ୍ର ଦେଇ ଉତ୍ସାହିତ କରାଯାଉଛି। ମାଲକାନଗିରି ବନଖଣ୍ଡ ଗୋବିନ୍ଦପାଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ତତ୍ତ୍ୱାବଧାନରେ ଆମ ଜଙ୍ଗଲ ଯୋଜନାରେ ଖଇରପୁଟ ବ୍ଲକ ଗୌଡପୁଟ ଗ୍ରାମରେ ଗଠିତ ହୋଇଥିବା ବନ ସଂରକ୍ଷଣ ସମିତିକୁ ୬ଟି ଗ୍ୟାସ୍ ସିଲିଣ୍ଡର, ୬ଟି ଚୁଲା, ରେଗୁଲେଟର ପ୍ରଦାନ କରାଯାଇଛି। ସେହିପରି ଦୁର୍ଗିଆପୁଟ ବନ ସଂରକ୍ଷଣ ସମିତିକୁ ୨ଟି ଗ୍ୟାସ୍ ସେଟ୍, କୁସୁମପୁଟରେ ୪ଟି ସେଟ୍, କରଦାଗୁଡାରେ ୨ଟି ଗ୍ୟାସସେଟ୍ ପ୍ରଦାନ କରାଯାଇଛି। ବନପାଳ ଫକିର ଚରଣ ମହାଲକ, ଆମ ଜଙ୍ଗଲ ଯୋଜନାର କିଶୋର ପାତିକ, ହୃଷୀକେଶ ପଣ୍ଡା, ସୁରୋଜ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲରେ ଯେପରି ନିଆଁ ନ ଲାଗିବ ସେଥିପ୍ରତି ଆମେ ସତର୍କ ରହିବୁ ବୋଲି ସମିତିର ସଭ୍ୟାସଭ୍ୟମାନେ ପ୍ରକାଶ କରିଛନ୍ତି।

### ପ୍ରଧାନମନ୍ତ୍ରୀ ସଡକ ନିର୍ମାଣରେ ଅନିୟମିତତା ଅଭିଯୋଗ

ବୈପାରିଗୁଡ଼ା,୨୬।୧୨ (ଡି.ଏନ୍.ଏ.)- ବୈପାରିଗୁଡ଼ା ବ୍ଲକ କୋଲାର ପଞ୍ଚାୟତ ଅନ୍ତର୍ଗତ ଗନିପୁଟଠାରୁ ରେଙ୍ଗାଲଗୁଡା ଛକ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ରାମପୁର ମାଲିଗୁଡା ଗ୍ରାମବାସୀ ଗ୍ରାମ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ କୋରାପୁଟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପୂର୍ବରୁ ୨୦୨୦ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା। ସର୍ଭେ ଅନୁସାରେ ଉକ୍ତ ରାସ୍ତା ରାମପୁର ମାଲିଗୁଡା ଗ୍ରାମ ଦେଇ ଯିବା କଥା। ରାସ୍ତା କାମ ବେଳେ ଗାଁ ମଧ୍ୟଦେଇ ରାସ୍ତା କରିବା ବଦଳରେ ଗାଁ ବାହାରପଟେ ରାସ୍ତା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ତୁଳସୀ ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ଗ୍ରାମ ଭିତର ଦେଇ ରାସ୍ତା ଗଲେ ଗ୍ରାମର କେତେକଙ୍କ ଘର ଭାଙ୍ଗିବା ଆବଶ୍ୟକ ରହିଛି। ଲୋକେ ଘର ଭାଙ୍ଗିବାକୁ ରାଜି ହେଉନାହାନ୍ତି। ଏହାକୁ ନେଇ ଗ୍ରାମରେ ୨ ଗୋଷ୍ଠୀ ହୋଇଛି। ଏହି ବିବାଦରୁ ଗ୍ରାମ ମଧ୍ୟ ଦେଇ ରାସ୍ତା ଯାଇ ନ ଥିଲେ ଗ୍ରାମ ପାଖାପାଖି ରାସ୍ତା ଯାଉଛି ବୋଲି ସେ କହିଥିଲେ।

# ଟ୍ରେନ୍ ଧକ୍କାରେ ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

କୁନ୍ଦୁରା,୨୬।୧୨ (ଡି.ଏନ.ଏ.)

ଆନ୍ଧ୍ର ପ୍ରଦେଶରେ ଯାଇ କାର୍ଯ୍ୟ କରୁଥିବା କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଭୁଷାଙ୍ଗଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କଟାରିପୁଟ ଗ୍ରାମର ୨ଜଣ ବ୍ୟକ୍ତିଙ୍କ ରବିବାର ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି। ସେମାନେ ହେଲେ ହେମନ୍ତ ଅମନାତ୍ୟ (୨୯) ଏବଂ ଅଗାଧୁ ଗାଦବା (୪୦)। ଗତ ୫/୬ ବର୍ଷ ହେଲା ଆନ୍ଧ୍ରର ଗୁଣ୍ଟୁରଠାରେ କଟାରିପୁଟ ଗ୍ରାମର କୃଷ୍ଣ ଗାଦବା,ଦାମ ଅମନାତ୍ୟ,ଅଗାଧୁ ଗାଦବା ଏବଂ ହେମନ୍ତ ଅମନାତ୍ୟ ଜଣେ ଠିକାଦାରଙ୍କ ନିକଟରେ ରହି କାମ କରୁଛନ୍ତି। ନିକଟରେ ସେମାନେ ଗ୍ରାମକୁ ଆସିଥିଲେ। ଗ୍ରାମରେ କିଛି ଦିନ ରହି ୨୦ ଦିନ ତଳେ ପୁଣି ଗୁଣ୍ଟୁର ଯାଇଥିଲେ। ରବିବାର ଭୋରରୁ ହେମନ୍ତ ଏବଂ ଅଗାଧୁ ନିକଟସ୍ଥ ରେଳ ଲାଇନ ଉପରକୁ ଶୌଚ କରିବାକୁ ଯାଇଥିଲେ। ସେ ସମୟରେ ଉଭୟେ କାନରେ ଇୟର ଫୋନ ଲଗାଇଥିଲେ। ଫଳରେ ଉକ୍ତ ଲାଇନରେ ରେଳ ଆସିବା ସେମାନେ ଜାଣିପାରି ନ ଥିଲେ। ଫଳରେ ରେଳ ଧକ୍କାରେ ଉଭୟଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ହେମନ୍ତ ଛୋଟ ବେଳୁ ଅନାଥ ଥିଲେ। ବଡ଼ ବାପା ଏବଂ ବଡ଼ ମା' ନିକଟରେ ରହୁଥିଲେ। ତାଙ୍କର ୩ ବର୍ଷର ଝିଅ ଏବଂ ୬ ମାସର ପୁଅ ଟିଏରହିଛି। ସେହିଭଳି ଅଗାଧୁଙ୍କ ୬ ବର୍ଷର ପୁଅ ଏବଂ ୯ ମାସର ଝିଅଟିଏ ଥିବା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଏବଂ କଟାରିପୁଟ ଗ୍ରାମବାସୀ କହିଛନ୍ତି।

# ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ



ଉତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ସୁନାବେଡା,୨୬।୧୨(ସ୍ୱ.ପ୍ର.)

୨୬ ନମ୍ବର ଜାତୀୟ ରାଜପଥ ସେମିଳିଗୁଡାଠାରୁ ତହସିଲ ଅଫିସକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ଥିବା ବ୍ରିଜ୍ ଉପରେ ରବିବାର ଗୋଟିଏ ସ୍କୁଟି ସହ ଏକ ଟ୍ରକ୍ ଧକ୍କା ହୋଇଛି। ଫଳରେ ଘଟଣା ସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜିପି ମିଶ୍ର (୫୫)। ସେ ସେମିଳିଗୁଡା ବ୍ଲକ କଲୋନୀ ବାସିନ୍ଦା ବୋଲି ଜଣାପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ଘଟଣା ସ୍ଥଳରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା।

ଖବରରୁ ଜଣାପଡିଛି ଜିପି ସେମିଳିଗୁଡା କଲେଜ ଛକ ନିକଟରେ କରିଥିବା ପାନ ଦୋକାନ ବନ୍ଦ କରି ମଧ୍ୟାହ୍ନ ଭୋଜନ ପାଇଁ ସ୍କୁଟି (ଓଆର ୧୦ ବି ୨୧୬୧)ରେ ଘରକୁ ଆସୁଥିବା ବେଳେ ବ୍ରିଜ୍ ଉପରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ଏପି ୩୧ ଟିଡବ୍ଲ୍ୟୁ ୯୩୧୭) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଜିପିଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜାଣିବା ପରେ ଜିପିଙ୍କ ସମ୍ପର୍କୀୟଙ୍କ ସହ ପ୍ରାୟ ଶତାଧିକ ଲୋକ ଘଟଣା ସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଉପରେ ମୃତଦେହ ରଖି ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରିଥିଲେ।

**ଘଟଣାକୁ ନେଇ ରାସ୍ତାରୋକୋ, ଉତ୍ତେଜନା**

ଏହାକୁ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗିରହିଥିଲା। ଖବର ପାଇ ସେମିଳିଗୁଡା ଓ ସୁନାବେଡା ଥାନାର ଅଧିକାରୀଙ୍କ ସମେତ ଏସ୍‌ଡିପିଓ ମନୋଜ କୁମାର ବେହେରା ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ। ଏନେଇ ସେମିଳିଗୁଡା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଘଟଣା ସ୍ଥଳରେ ସୁନାବେଡା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ସମେତ ଏସଆଇ ସଞ୍ଜୀବ ବେହେରା, ସେମିଳିଗୁଡା ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ଏସ୍‌ଆଇ ଦୀପକ ବାରିକ ଉପସ୍ଥିତ ଥିଲେ। ରେଡକ୍ରସ ପାଣ୍ଠିରୁ ସହାୟତା ରାଶି ମୃତକଙ୍କ ପରିବାକୁ ପ୍ରଦାନ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୁନାବେଡା ଥାନା ଅଧିକାରୀ ମହାପାତ୍ର କହିଛନ୍ତି।

# ଧରାପଡିଲେ ଜଣେ ନାବାଳକଙ୍କ ସମେତ ୫

କୋରାପୁଟ,୨୬।୧୨(ସ୍ୱ.ପ୍ର)



ଗିରଫ ୪ ଅଭିଯୁକ୍ତ।

**ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ**

କୋରାପୁଟ ସହରର ବନଭାରତୀ କଲୋନୀଠାରେ ଶନିବାର ଘଟିଥିବା ଏକ ହତ୍ୟା ଘଟଣାର ରବିବାର ପର୍ଦ୍ଦାଫାସ ହୋଇଛି। ଜଣେ ନାବାଳକଙ୍କ ସମେତ ୫ ଜଣଙ୍କୁ ଟାଉନ ଥାନା ପୋଲିସ ଧରିବାରେ ସଫଳ ହୋଇଛି। ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉତ୍କଳ ରଞ୍ଜନ ଦାସ ଏହି ସୂଚନା ଦେଇଛନ୍ତି। ନାବାଳକଙ୍କ ବ୍ୟତୀତ ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବନଭାରତୀ କଲୋନୀର ଇ. ନାଗାରାଜୁ (୪୪), ରତ୍ନା ଡଙ୍ଗାୟତ(୩୫), ଡେପସାହିର କିରଣ କୁମାର ଖରା(୨୯) ଓ ସୁନିଲ କୁମାର ଗରଡା (୩୮)। ଏହି୪ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ନାବାଳକଙ୍କୁ ଜୟପୁରସ୍ଥିତ ଜୁଭେନାଲ ଜଷ୍ଟିସ ବୋର୍ଡକୁ ପଠାଯାଇଛି। ସେହିପରି ହତ୍ୟା ଘଟଣାରେ ବ୍ୟବହୃତ ଠେଙ୍ଗା ଓ ଅଭିଯୁକ୍ତମାନଙ୍କ ପୋଷାକ ପୋଲିସ ଜବତ କରିଛି। ଖବରରୁ ଜଣାପଡିଛି ମୃତକ ସନିଆ ପୁଜାରି ବନଭାରତୀ କଲୋନୀର ଇ. ନାଗାରାଜୁଙ୍କ ଘରକୁ ଯାଇଥିବାବେଳେ ସେଠାରେ ନାଗାରାଜୁଙ୍କ ସ୍ତ୍ରୀ ରତ୍ନାଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ନାଗାରାଜୁ, କିରଣ କୁମାର ଓ ସୁନିଲ କୁମାର ସେଠାରେ ପହଞ୍ଚି ଠେଙ୍ଗା ଓ ପଥରରେ ତାଙ୍କୁ ମାଡ ମାରିଥିଲେ। ଫଳରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ସନିଆଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ଘଟଣାର ତଦନ୍ତବେଳେ ଜଣାପଡିଥିବା ଅତିରିକ୍ତ ଏସପି ଦାସ ସୂଚନା ଦେଇଛନ୍ତି। ପରେ ଏହି ଘଟଣାକୁ ଅନ୍ୟରୂପ ଦେବା ପାଇଁ ମୃତଦେହକୁ ବନଭାରତୀ କଲୋନୀ ରାସ୍ତା କଡରେ ଅଭିଯୁକ୍ତମାନେ ପିଙ୍ଗିଦେଇଥିଲେ ବୋଲି ସେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ ପୁଜାହାରି, ଟାଉନଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ଅତିରିକ୍ତ ଆଇଆଇସି ଶଙ୍କର ପ୍ରସାଦ ମାଝି, ଏସଆଇ ସୁଦର୍ଶନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଧ୍ର ସୀମାନ୍ତ ଅଞ୍ଚଳରୁ ଗଞ୍ଜେଇ ଚାଷ ନଷ୍ଟ

କୋରାପୁଟ,୨୬।୧୨(ସ୍ୱ.ପ୍ର)

କୋରାପୁଟ ଜିଲା ଅବକାରୀ ବିଭାଗ, ଜିଲା ପୋଲିସ, ବନ ବିଭାଗ ମିଳିତ ଭାବେ ଜିଲାର ପାଡୁଆର ଥାନା ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚଢାଉ କରି ବେଆଇନ ଭାବେ କରାଯାଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରଛନ୍ତି। ପାଡୁଆ ଥାନାର ଆନ୍ଧ୍ର ସୀମାନ୍ତ ସୁଡୁବୁ, ସାରିଆପାଲି ଗ୍ରାମାଞ୍ଚଳରେ ପ୍ରାୟ ୭୩ ଏକର ଜମିରେ ଏହି ଗଞ୍ଜେଇ ଚାଷ ହୋଇଥିଲା। ପ୍ରଥମେ ଡ୍ରୋନ ସାହାର୍ଯ୍ୟରେ ଗଞ୍ଜେଇ ଚାଷ ହୋଇଥିବା ସ୍ଥାନକୁ ଚିହ୍ନଟ କରାଯାଇ ପରେ ଏହାକୁ ନଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା କୋରାପୁଟ ଅବକାରୀ ଓ ପୋଲିସ ବିଭାଗ ମିଳିତ ଚଢାଉ କରି ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳରୁ ୫୪୦ ଏକର ଗଞ୍ଜେଇ ଚାଷ ନଷ୍ଟ କରିସାରିଲେଣି। ୬ ଜଣ ଗଞ୍ଜେଇ ଚାଷୀଙ୍କୁ ଗିରଫ କରାଯାଇଥିବାବେଳେ ୩୦ ଜଣ ଚାଷୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜିଲା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ସାତଦିନିଆ ଶୀତ ଶିବିର ଉଦ୍‌ଯାପିତ

ଜୟପୁର,୨୬।୧୨(ନି.ପ୍ର.)



ଜଣେ ଶିବିରାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ଆନୁକୂଲ୍ୟରେ ପୌଷ୍ୟ ଗ୍ରାମ ଫୁଲବାଡଠାରେ ଚାଲିଥିବା ୭ଦିନିଆ ଶୀତ ଶିବିର ପଥପ୍ରାନ୍ତ ନାଟକ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଜ୍ଞାନ ଇଣ୍ଟର ନ୍ୟାଶନାଲ ସ୍କୁଲର ସଭାପତି ପ୍ରକାଶ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କ କଠିନ ପରିଶ୍ରମ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଡ଼ ପ୍ରଦୀପ ମିଶ୍ର ଯୋଗଦେଇ ଯୁବ ସମାଜର ଭୂମିକା ହିଁ ଏକ ବିକଶିତ ଭାରତ ଗଠନ ସ୍ୱପ୍ନକୁ ସାକାର କରିପାରିବ ବୋଲି କହିଥିଲେ। ବୋରିଗୁମ୍ମା କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ସଦାଶିବ ତ୍ରିପାଠୀ ଓ ବିଜ୍ଞାନ ଇଣ୍ଟରନ୍ୟାଶନାଲ ସ୍କୁଲର ଶୈକ୍ଷିକ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ୭ଦିନ ଧରି ଚାଲିଥିବା ଏହି ଶିବିରରେ ସରକାରୀ ମହିଳା ମହାବିଦ୍ୟାଳୟର ୨୫ ଜଣ ମହିଳା ସ୍ୱେଚ୍ଛାସେବୀଙ୍କ ସହ ଫୁଲବାଡ ଗ୍ରାମର ୨ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସେବା, ସଚେତନତା ଓ ଦକ୍ଷତା ବିକାଶ ଥିଲା ଏହି ଶିବିରର ମୂଳମନ୍ତ୍ର। ପୌଷ୍ୟ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ, ମାଦକ ଦ୍ରବ୍ୟ ମୁକ୍ତ ଗ୍ରାମ ନିର୍ମାଣ, ସାକ୍ଷରତା ଅଭିଯାନ ଓ ପାଠପଢା ପିଲାଙ୍କ ଲିଖନ,ପଠନ ଓ ଗଣନା ଦକ୍ଷତା ସମ୍ପର୍କରେ ଶିବିରାର୍ଥୀମାନେ ସଚେତନ କରିଥିଲେ। ରକ୍ତଦାନ ଶିବିର ସହ ଶିବିରର ଅନ୍ତିମ ଦିବସରେ ସ୍ୱଚ୍ଛ ଗ୍ରାମ, ସୁନ୍ଦର ଗ୍ରାମ, ବାଳିକା ଶିକ୍ଷା, ନିଶା ନିବାରଣ ଓ ଶୌଚାଳୟ ବ୍ୟବହାର ସମ୍ପର୍କିତ ପଥପ୍ରାନ୍ତ ନାଟକ, ଅଭୟ ଫାଉଣ୍ଡେସନର ସହାୟତାରେ ସଦସ୍ୟ ଚନ୍ଦ୍ରେସ ରାଠୋରଙ୍କ ଉପସ୍ଥିତିରେ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଏନ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ଼ ମନୋରଞ୍ଜନ ପ୍ରଧାନ ଅଧ୍ୟକ୍ଷା ଡ଼ ମନୋରମା ଦେବୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, କୋରାପୁଟ ଜିଲ୍ଲା ଏନ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩୮ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ଚିତ୍ରକୋଣ୍ଡା,୨୬।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ଦୋରାଗୁଡା ପଞ୍ଚାୟତର ଆରଏସସି ୫ନମ୍ବର ଗ୍ରାମ ଅଞ୍ଚଳରେ ଲଗାଯାଇଥିବା ବହୁ ପରିମାଣର ବେଆଇନ ଗଞ୍ଜେଇ ଗଛକୁ ପୋଲିସ କାଟି ପୋଡ଼ି ନଷ୍ଟ କରିଦେଇଥିବା ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ସୂଚନା ଦେଇଛନ୍ତି। ଏନେଇ ୧୯୬/୨୧ରେ ଏକ ମାମଲା ରୁଜୁ ହୋଇଛି। ୩୮ ଏକର ଜମିରେ ଏହି ଗଞ୍ଜେଇ ଗଛ ଲଗାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଚିତ୍ରକୋଣ୍ଡା ପୋଲିସ ଏପର୍ଯ୍ୟନ୍ତ ପର୍ଯ୍ୟନ୍ତ ୫ଟି ପଞ୍ଚାୟତ ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ବଡପଡା ଓ ନୂଆଗୁଡା ଅଞ୍ଚଳରେ ଗଞ୍ଜେଇ କଟା ଅଭିଯାନ ଜାରି ରଖିଛି।

# ଡିଡିୟୁ-ଜିକେୱାଇରେ ପରାମର୍ଶ ଶିବିର

ଚନ୍ଦ୍ରପୁର,୨୬।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଓର୍‌ମାସ ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା(ଡିଡିୟୁ-ଜିକେୱାଇ)ରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃତୀୟ ଶ୍ରେଣୀ ପାସ୍‌ଠାରୁ ନିଯୁକ୍ତି ପାଇ ନ ଥିବା କଲେଜ ପାସ୍ ପିଲାମାନେ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ନେଇ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରତିଙ୍ଗା ଏବଂ ସମ୍ମାନିତ ଅତିଥି ରୂପେ ରାୟଗଡ଼ା ଡିସି ସ୍କିଲ୍‌ର କର୍ମକର୍ତ୍ତା, ମୁନିଗୁଡ଼ା ଓଏଲ୍‌ଏମ୍‌ର ବିପିଏମ୍, ନିଯୁକ୍ତି ଯୋଗାଉଥିବା ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥି ରୂପେ ସାମାଜିକ କର୍ମୀ ବିଜୟ ପ୍ରସାଦ ଉଲ୍ଲାକା, ଜୀବିକା ମିଶନର ବିଏଲ୍‌ଆର୍‌ପି ଶୁକ୍ରୁ ଦାସ, ସିଆର୍‌ପି ଧରଣୀ ପ୍ରତିକାଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ରପୁର ଓଏଲ୍‌ଏମ୍‌ର ବିପିଏମ୍ ଶ୍ରବଣ କୁମାର ସିଂ ପରିଚାଳନା କରିଥିଲେ।

# ପକ୍କାରାସ୍ତା ନିର୍ମାଣ ନେଇ ବିଧାୟକ କଲେ ଭୂମି ପୂଜା

ଦଶମନ୍ତପୁର ୨୬।୧୨ ( ଡି.ଏନ.ଏ. )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତର ଗ୍ରାମର ଇଷ୍ଟଦେବୀ ମାଁ ହାଟପଦା ଠାକୁରାଣୀ ଭଣ୍ଡାର ଘରୁଣୀ ପୀଠରେ ରବିବାର ଡୁମ୍ବାଗୁଡ଼ା ଛକଠାରୁ କାଳିଆମ୍ବ ଦେଇ କାଶୀପୁର ବ୍ଲକର ତୁରେଇ ଘାଟି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନେଇ ଲକ୍ଷ୍ମୀପୁର ବିଧାୟକ ଭୂମିପୂଜନ କରିଛନ୍ତି। ଏହି ରାସ୍ତା ଦେଇ କାଳିଆମ୍ବ, ହାତୀମୁଣ୍ଡା ଏବଂ ରାୟଗଡ଼ା ଜିଲାର କାଶୀପୁର ବ୍ଲକର ଅନେକ ଗ୍ରାମକୁ ଗ୍ରାମବାସୀ ଯାତାୟାତ କରିଥାନ୍ତି। ୧୧ଟି ଗ୍ରାମର ଗ୍ରାମବାସୀଙ୍କ ପାଇଁ ଥିବା ଏହି ନିତିଦିନିଆ ରାସ୍ତା ମରଣାଯନ୍ତା ପାଲଟିଛି। ଡୁମ୍ବାଗୁଡ଼ାଠାରୁ କାଳିଆମ୍ବ ରାସ୍ତା ସମସ୍ୟା ନେଇ ଗ୍ରାମାବାସୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅନେକ ଥର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବରକୁ ସାମାଜିକ କର୍ମୀ ଦିବସ କୁମାର ସାହୁ ଏବଂ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟ କରି ଦୃଷ୍ଟିଆକର୍ଷଣ କରିଥିଲେ। ଭୂମି ପୂଜା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନାରାୟଣ ବିଶୋୟୀ, ଅନନ୍ତ ଖରା, ଗୋବର୍ଦ୍ଧନ ବିଶୋୟୀ, ପରମା ମାଣ୍ଡିଙ୍ଗା, ଜଗନ୍ନାଥ ବିଶୋୟୀ, ଛବିଳ ବିଶୋୟୀ, ବଳିଆ ବିଶୋୟୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ବିଧାୟକ ଭୂମି ପୂଜନ କରୁଛନ୍ତି।

# ଚଳନ୍ତା ବସ୍‌ରେ ଲାଗିଗଲା ନିଆଁ

ନାରାୟପାଟଣା, ୨୬।୧୨(ଡି.ଏନ.ଏ.)– ରାୟଗଡାରୁ ଡଙ୍ଗାପାଇ ଅଭିମୁଖେ ଆସୁଥିବା ଓଡ଼ିଶା ରାଜ୍ୟ ପରିବହନ ନିଗମର ଏକ ବସ୍‌ରେ ନାରାୟଣପାଟଣା ବ୍ଲକରୁ ୮ କିମି ଦୂର ଦଣ୍ଡାବାଡି ଉନ୍ନୀତ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ରବିବାର ନିଆଁ ଲାଗିଯାଇଥିଲା। ସେତେବେଳେ ବସ୍‌ରେ ମାତ୍ର ୪ଜଣ ଯାତ୍ରୀ ଥିଲେ। କାହାର କିଛି କ୍ଷତି ହୋଇନାହିଁ। ଡ୍ରାଇଭରଙ୍କଠାରୁ ବସ୍‌ରେ ନିଆଁ ଲାଗିଥିବା ଶୁଣିବା ପରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଯାଇଥିଲେ। ପ୍ରଥମେ ବସ୍ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଡ୍ରାଇଭର ଷ୍ଟାର୍ଟ କରିବା ସମୟରେ ଇଞ୍ଜିନରୁ ଧୂଆଁ ବାହାରି ବସ୍‌ରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବର ପାଇ ନାରାୟଣପାଟଣା ଏବଂ ବନ୍ଧୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିସାରିଥିଲା। ନାରାୟଣପାଟଣା ପୋଲିସ ପହଞ୍ଚି ଘଟଣାର ଅନୁଧ୍ୟାନ କରି ପ୍ରାଥମିକ ତଦନ୍ତ କରି ଫେରିଛି।

**ODISHA LIFT IRRIGATION CORPORATION LIMITED**
(A Government of Orissa Undertaking)
**OFFICE OF THE EXECUTIVE ENG!NEER, LIFT IRRIGATION DIVISION, SAMBALPUR**
E-Mail- eeolicsbp@qmail.com
**Tender Call Notice No. 09/ 2021-22 / OLIC, SBP Dated: 22.12.2021**
No. CAD-2469:- Sealed tenders are invited from reputed manpower agencies/ service providers having valid labour licence to provide the services of Junior Engineer- 03 Nos. (01 No. of J.E. (Mech) and 02 Nos. of J.E. (Elect.) for a period of one year w.e.f. dt,. 01.02.2022 to dt. 31.01.2023 on contract basis for day to day field works & olficial works.
The detailed information for out sourcing the services of the aforesaid personnel has been given in the tender document which can be obtained in person from the Office of Executive Engineer, Lift Irrigation Division, Sambalpur on any working day from 27.12.2021. at 11.00 A.M. to 14.01.2022 at. 04.00 P.M. by depositing Rs.2000/- (Rupees Two thousand) only in shape of B.D. to be drawn in favour of the Executive Engineer, Lift Irrigation Division, Sambalpur towards cost of tender paper and the GST-18% to be deposited in shape of E-Challan vide GSTIN No. 21AAACO5986G1ZF (Non-Refundable). The last date and time for submission of tender document is 15.01.2022 by 1 P.M. The tender will be opened on same day at 03.00 P.M.
Sd./- Executive Engineer
Lift Irrigation Division, Sambalpur
OIPR-32142/11/0007/2122

**ODISHA POLICE DISTRICT HEAD QUARTER GANJAM, CHATRAPUR**
**Address: Superintendent of Police, Ganjam, Chatrapur**
**Contact No.: 06811263366**
**E-mail: spgjm.orpol@nic.in**
No.3151/R.O. Date: 26.12.2021
**TENDER CALL NOTICE FOR HIRING OF VEHICLES FOR NH PATROLING**
Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the **ganjam.nic.in** website. Interested agencies may submit their tenders in a sealed envelope with superscribing on the top of the sealed envelopes as Tender for Hiring of Vehicles for NH Patrol on monthly basis to Supdt. of Police, Ganjam.
The tender should reach the office of the undersigned by **02.01.2022** (till 5.30 P.M.). The tenders will be opened on **04.02.2022** at **DPO, GANJAM** for finalization of Technical Bid. The Financial Bid will be opened on **05.02.2022** at **DPO, GANJAM**. The undersigned reserves the right to reject any or all the tenders without assigning any reason thereof.
**Sd./- Superintendent of Police**
**Ganjam**

# ସାଂସ୍କୃତିକ, ପର୍ଯ୍ୟଟନର ପ୍ରାଣକେନ୍ଦ୍ର କୋରାପୁଟ

ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)

- ୪ର୍ଥ କୋରାପୁଟ ସାହିତ୍ୟ ଉତ୍ସବ
- ଦାଶ ବେନହୁର ଓ ହୃଷୀକେଶଙ୍କୁ 'କୋରାପୁଟ ସାହିତ୍ୟ ସମ୍ମାନ'

କୋରାପୁଟ ଏବେ ସାଂସ୍କୃତିକ ଓ ପର୍ଯ୍ୟଟନର ପ୍ରାଣକେନ୍ଦ୍ର ପାଲଟିଛି। ଲେଖକ ଗୋପୀନାଥ ମହାନ୍ତି ନିଜର ଉପନ୍ୟାସ ମାଧ୍ୟମରେ କୋରାପୁଟର ଗାଥାକୁ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି। ଓଡ଼ିଶା ସରକାର କୋରାପୁଟକୁ ଦେଶର ପର୍ଯ୍ୟଟନ ମାନଚିତ୍ରରେ ପ୍ରାଧାନ୍ୟ ଦେବା ପାଇଁ ଆଗଭର ଅଛନ୍ତି। ଏ ବର୍ଷ କୋରାପୁଟରେ ଇକୋ ରିଟ୍ରିଟ୍ ମାଧ୍ୟମରେ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଆ ମିଡିଆ ପକ୍ଷରୁ ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ୪ର୍ଥ କୋରାପୁଟ ସାହିତ୍ୟ ଉତ୍ସବକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରି ଏହା ଲେଖକ, ବୁଦ୍ଧିଜୀବୀ ଓ କଳାକାରଙ୍କୁ ଏକାଠି କରିବାର ଏକ ଅଭିନବ ଉପକ୍ରମ ବୋଲି କହିଥିଲେ। ଏହି ଅବସରରେ କଥାଶିଳ୍ପୀ ତଥା ଶିଶୁ ସାହିତ୍ୟିକ ଦାଶ ବେନହୁର ଓ କବି ହୃଷୀକେଶ ମଲ୍ଲିକଙ୍କୁ ମର୍ଯ୍ୟାଦାଜନକ 'କୋରାପୁଟ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ଉଭୟଙ୍କୁ ୨୧ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ସହ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ମିଳିଥିଲା। କଥାକାର ତଥା ଓଡ଼ିଆ ମିଡିଆର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କବି ହରପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଉପାନ୍ତକୁ ଏବେ କେନ୍ଦ୍ରରେ ସ୍ଥାପିତ କରିବାର ସମୟ ଆସିଛି। ସାହିତ୍ୟରେ ବି ଗୁରୁତ୍ୱ ଦେବାର ଅଛି। ଏହା ହେଲେ ଯାଇ ସମାଜରେ ସମତୁଲତା ପ୍ରତିଷ୍ଠା ହୋଇପାରିବ। କୋରାପୁଟ ସାହିତ୍ୟ ଉତ୍ସବ ଏ ଉଦ୍ୟମକୁ ଆଗକୁ ବଢାଇବାରେ ସହାୟକ ହେଉଛି। ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ କହିଲେ, ଆଦିବାସୀଙ୍କ ବିଶ୍ୱାସ ଓ ଭରସା ଜିତିବା ଲାଗି ମୁଖ୍ୟସ୍ରୋତରେ ଲୋକଙ୍କର ଅଭାବ ରହିଛି। ସରକାର ନାନାବିଧ ବିକାଶ ଉଦ୍ୟମ କରୁଥିଲେ ହେଁ ସମନ୍ୱୟ ଅଭାବରୁ କେତେକ କ୍ଷେତ୍ରରେ ତାହା ଫଳବତୀ ହେଉନାହିଁ। ସନ୍ଧ୍ୟାରେ ଉଦ୍‌ଯାପନୀ ସମାରୋହ ଓ ସମ୍ମାନ ସମାରୋହକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଇ କହିଲେ, ବ୍ୟକ୍ତିଗତ ଚେତନାକୁ ଜାତୀୟ ଚେତନାରେ ଓ ଜାତୀୟ ଚେତନାକୁ ବ୍ରହ୍ମାଣ୍ଡ ଚେତନାରେ ରୂପାନ୍ତରିତ କରିପାରିଲେ, ତାହା ହେଉଛି ଅସଲ ସାହିତ୍ୟ। ପ୍ରତ୍ୟେକ ପୁଷ୍ପର ବିବିଧ ସୁଗନ୍ଧ ପରି ଓ ସଂଗୀତର ବିବିଧ ସ୍ୱର ପରି ସାହିତ୍ୟରେ ବିବିଧତାର ସମ୍ମିଳିତ ଲକ୍ଷ୍ୟ ମୋକ୍ଷ ଅଟେ। ମୁଖ୍ୟବକ୍ତା ଭାବେ ତେଲୁଗୁ କବି ନିଖିଳେଶ୍ୱର ଓ ସମ୍ମାନିତ ଅତିଥି ଭାବେ ବୁଦ୍ଧିଜୀବୀ ତଥା ଟିମ୍ ଆଡମାର୍କ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ଯୋଗ ଦେଇଥିଲେ।



ସାହିତ୍ୟ ଉତ୍ସବରେ ଅତିଥିମାନେ।

